No. of Printed Pages : 3 **FOR-01**

# BDP
# Term-End Examination
## June-2021
## FOR-01 : FOUNDATION COURSE
## IN ORIYA

*Time : 2 Hours* *Maximum Marks: 50*

ମୂଦ୍ରଣ ପୃଷ୍ଠା ସଂଖ୍ୟା : 3 **FOR-01**

## BDP- ବାଚ୍‌ଲର୍‌ସ୍ ଡିଗ୍ରୀ ପ୍ରୋଗ୍ରାମ୍
## ଟର୍ମ-ସମାପ୍ତି ପରୀକ୍ଷା
## ଜୁନ୍ -୨୦୨୧
## FOR-01 : ଫାଉଣ୍ଡେସନ୍ କୋର୍ସ ଓଡିଆ

ସମୟ : 2 ଘଣ୍ଟା ସର୍ବାଧିକ ମାର୍କ୍ : *50*

ନୋଟ୍ : 1. ଏହି ପେପରରେ 8 ଟି ପ୍ରଶ୍ନ ଅଛି । ସମସ୍ତ ପ୍ରଶ୍ନଗୁଡିକ ବାଧ୍ୟତାମୂଳକ ।

1. ଯେ କୌଣସି ତିନିଗୋଟି ପ୍ରଶ୍ନର ଉତ୍ତର ଦିଅ । 3X5=15



(a) "ଚର୍ଯ୍ୟାଗୀତିକା"ରେ ପ୍ରାଚୀନ ଓଡିଆ ଭାଷାର ସ୍ୱରୂପ ଏବଂ ଲକ୍ଷଣ ଦର୍ଶାଅ ।

(b) "ଆମେରିକା ଅନୁଭୂତି" ପୁସ୍ତକର ପାଠ୍ୟାଂଶକୁ ଆଧାର କରି ଓଡିଆ ଭ୍ରମଣ ସାହିତ୍ୟକୁ ଗୋଲକ ବିହାରୀ ଧଳଙ୍କ ଅବଦାନ ଉଲ୍ଲେଖ କର ।

(c) ଓଡ଼ିଆ ଶବ୍ଦ ଭଣ୍ଡାରକୁ କେତେ ଭାଗରେ ବିଭକ୍ତ କରାଯାଇଛି, ଦୃଷ୍ଟାନ୍ତ ସହ ଉଲ୍ଲେଖ କର ।

(d) "ଘାସ" ଗଳ୍ପରେ ସାଧାରଣ ମଣିଷର ଜୀବନ-ସଂଘର୍ଷ କିପରି ପ୍ରତିଫଳିତ ?

(e) "ଓଡିଆ କିଏ" ପ୍ରବନ୍ଧର ଆଧାରରେ "ଓଡ଼ିଆ କେବେ କ୍ଷୁଦ୍ରତାରେ ସୀମାବଦ୍ଧ ନୁହେଁ" ଉକ୍ତିଟିର ଯଥାର୍ଥତା ଦୃଷ୍ଟାନ୍ତ ସହ ପ୍ରତିପାଦନ କର ।

2. ସଂକ୍ଷେପରେ ପାଞ୍ଚୋଟି ପ୍ରଶ୍ନର ଉତ୍ତର ଦିଅ । 5x2=10

(a) ଅତି-ମୁଦ୍ରାସ୍ଫୀତି କହିଲେ କଣ ବୁଝାଏ ?

(b) ଅଧିସୂଚନାମୂଳକ ପତ୍ର କଣ ? ଏହା କେଉଁ ପୁରୁଷରେ ଲେଖାଯାଏ ?

(c) ଓଡ଼ିଶାରେ କେଉଁ କେଉଁ ସ୍ଥାନରେ ବୌଦ୍ଧକୀର୍ତ୍ତୀମାନ ରହିଛି ?

(d) ସାରଳା ମହାଭାରତରେ କେଉଁ ପର୍ବରେ ଶ୍ରୀ ଜଗନ୍ନାଥଙ୍କୁ ବୌଦ୍ଧାବତାର ରୂପରେ ବର୍ଣ୍ଣନା କରାଯାଇଛି ?

(e) ସ୍ୱାଧିନତା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଓଡିଶାର କେଉଁ ବ୍ୟକ୍ତିମାନେ ନେତୃତ୍ୱ ଗ୍ରହଣ କରିଥିଲେ ?

(f) "ବିଶ୍ୱପ୍ରିତି ହିଁ ଓଡିଆର ଜାତୀୟତା" - ଏହା କିଏ କହିଥିଲେ ?

(g) "ତଦ୍ଧିତ" କାହାକୁ କୁହନ୍ତି ?

3. ଶୂନ୍ୟସ୍ଥାନ ପୂରଣ କର । 5x1=5

(a) ------ ମସିହା ------ ମାସ ------ ତାରିଖରେ ପ୍ରଥମ ଭାରତୀୟ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ।

(b) ଏହି ଘୋଷଣା ଦୀର୍ଘ ----- ବର୍ଷ ବଳବତ୍ତର ରହିବା ପରେ ----- ମସିହା ----- ମାସରେ ପ୍ରତ୍ୟାହୃତ ହୋଇଥିଲା ।

(c) ----- ଭାରତ ଆକ୍ରମଣ କରିବା କାରଣରୁ ରାଷ୍ଟ୍ରପତି ଦ୍ୱିତୀୟ ଥର ପାଇଁ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷିତ କରିଥଲେ ।

(d) ଦେଶରେ ----- ବିପନ୍ନ ହେଲେ ଜରୁରି ପରିସ୍ଥିତି ଘୋଷଣାର ଅବକାଶ ସୃଷ୍ଟି ହୁଏ ।

(e) ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣାକୁ ଭାରତୀୟ ସମ୍ବିଧାନର ---- ଧାରା ସମର୍ଥନ କରେ ।

4. ସନ୍ଧି ବିଚ୍ଛେଦ କର (୪ଟି) 4

ଅଧିକାଂଶ, ସଙ୍ଗଠନ, ଜଗନ୍ନାଥ, ମହୋତ୍ସବ, ସ୍ୱର୍ଗାଦପି, ଉଚ୍ଛନ୍ନ

5. ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କର (୪ଟି) 4

ଊର୍ଦ୍ଧ୍ୱମୁହାଁ, ଶରଣାପନ୍ନ, ଦେବାର୍ପିତ, ଅନତିଦୀର୍ଘ, ଶତାବ୍ଦୀ, ଯଥାବିଧି

6. ଭ୍ରମ ସଂଶୋଧନ କର (୪ଟି) 4

ପୌରହିତ୍ୟ, ବିକୀରଣ, ବିଶ୍ୱାସନୀୟ, ମନିଷି, ନିର୍ଦ୍ଧନୀ, ତୃଟି

7. ବିପରୀତାର୍ଥବୋଧକ ଶବ୍ଦ ପ୍ରଦାନ କର (୪ଟି) 4

ପୂର୍ବବର୍ତ୍ତୀ, ପ୍ରଗତି, ସଚେତନ, ଅପଚୟ, ନିୟମିତ, ଅନୁରାଗ

8. ପ୍ରତ୍ୟୟ ନିର୍ଣ୍ଣୟ କର (୪ଟି) 4

ଭାରତୀୟ, ଗାନ, ସ୍ଥିତି, ମୁକ୍ତି, ଦାତବ୍ୟ, ସାମୟିକ